# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**9 MAY– 2026**

---

## ପଶ୍ଚିମବଙ୍ଗ - ଶପଥ ଗ୍ରହଣ

ବି.ଜେ.ପି.ର ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥଗ୍ରହଣ କରିବେ । କୋଲକାତାର ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଏନ୍‌ଡିଏ ଶାସିତ ରାଜ୍ୟ ଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ବିଜେପିର ବହୁ ବରିଷ୍ଠ ନେତା ଉପସ୍ଥିତ ରହିବେ ବୋଲି ଜଣାପଡିଛି । ବିଜେପିର ବିଧାୟକ ଦଳ ବୈଠକରେ ଗତକାଲି ଶୁଭେନ୍ଦୁଙ୍କ ନାମ ନେଇ ସର୍ବସମ୍ମତି ପ୍ରକାଶ ପାଇଥିଲା ।

## ନୀତି ଆୟୋଗ ଉପାଧ୍ୟକ୍ଷ

ବିଶିଷ୍ଟ ଅର୍ଥନୀତିଜ୍ଞ ଅଶୋକ କୁମାର ଲାହିଡି ନୀତି ଆୟୋଗର ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ଲାହିଡି ପୂର୍ବରୁ କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଏବଂ ପଞ୍ଚଦଶ ଅର୍ଥ କମିଶନ ର ସଦସ୍ୟ ଥିଲେ ।

## ବିଦ୍ୟୁତ୍‌କରଣ-ଉପମୁଖ୍ୟମନ୍ତ୍ରୀ

ରାଜ୍ୟର ଗ୍ରାମୀଣ ବିଦ୍ୟୁତ୍‌କରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲାର ଦେଉଳିଠାରେ ନୂତନ ୩୩/୧୧ କେଭି ୧୦ ଏମ୍‌ଭିଏ

ପ୍ରାଥମିକ ସବ୍‌ଷ୍ଟେସନ କାର୍ଯ୍ୟକ୍ଷମ ହୋଇଛି । ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଭାସୀ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଛନ୍ତି । ଏହି ନୂତନ ସବ୍‌ଷ୍ଟେସନ ଦ୍ୱାରା ୬ଟି ପଞ୍ଚାୟତର ୧୫ହଜାରରୁ ଅଧିକ ପରିବାର ଉପକୃତ ହେବେ ।

## କ୍ଷେପଣାସ୍ତ୍ର ପରୀକ୍ଷଣ

ଧାମରାସ୍ଥିତ କ୍ଷେପଣାସ୍ତ୍ର ଘାଟୀରୁ ଟେକ୍‌ନିକାଲ ଆଡଭାନ୍ସଡ ରେଞ୍ଜ ଆଗୁମେଣ୍ଟେସନ-ଟିଏଆର୍‌ଏ କ୍ଷେପଣାସ୍ତ୍ରର ପ୍ରଥମ ପରୀକ୍ଷଣ ସଫଳତାର ସହ ଶେଷ ହୋଇଛି । ଏହି କ୍ଷେପଣାସ୍ତ୍ର ୫ହଜାର କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବା ସହ ଏହାର ଲମ୍ବ ୧୭ମିଟର ରହିଛି । ଏହା ସାଧାରଣ, ଅନିୟନ୍ତ୍ରିତ ୱାର୍ ହେଡ୍‌କୁ ନିଖୁଣଭାବେ ଲକ୍ଷଭେଦୀ ଅସ୍ତ୍ରରେ ପରିଣତ କରିବାର କ୍ଷମତା ରଖେ । ଏଥିରେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ କମ ଖର୍ଚ୍ଚ ସମ୍ପନ୍ନ ପ୍ରଯୁକ୍ତିର ବ୍ୟବହାର କରାଯାଇଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏହି ସଫଳ ପରୀକ୍ଷଣ ପାଇଁ ଡିଆର୍‌ଡିଓ ଓ ବାୟୁସେନାକୁ ଶୁଭେଚ୍ଛା ଜଣାଇବା ସହ ଏହା ଦେଶର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଆହୁରି ସୁଦୃଢ଼ କରିବ ବୋଲି କହିଛନ୍ତି ।

## ରିଭିଜନ କୋର୍ଟ-ସମୀକ୍ଷା

ରାଜସ୍ୱ ପର୍ଷଦ ଅଧୀନସ୍ଥ ରିଭିଜନ କୋର୍ଟ ଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି । କୋର୍ଟ ଗୁଡ଼ିକରେ ମାମଲାର ତ୍ୱରିତ ଶୁଣାଣି ପାଇଁ ପଦକ୍ଷେପ ନେବାକୁ ବୈଠକରେ ମନ୍ତ୍ରୀ

ପରାମର୍ଶ ଦେଇଛନ୍ତି । ଖାଲିପଡିଥିବା କୋର୍ଟ ଗୁଡ଼ିକର ପଦବୀ ଗୁଡ଼ିକୁ ତୁରନ୍ତ ପୂରଣ କରାଯିବା ଓ କୋର୍ଟ ପରିଚଳନାକୁ ଅଧିକ ମଜଭୁତ କରିବାକୁ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି । ଏଥିସହିତ ଜମିଜମା ମାମଲା ଗୁଡ଼ିକରେ ପଞ୍ଜିକରଣ ପ୍ରକ୍ରିୟାକୁ ସରଳୀକରଣ କରାଯିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ୪୧ଟି ରିଭିଜନ କୋର୍ଟର ପ୍ରିଜାଇଡିଂ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଜୁଭେଣ୍ଟିକା

ଭୁବନେଶ୍ୱରସ୍ଥିତ ପୋଲିସ ସେବା ଭବନଠାରେ ଜୁଭେଣ୍ଟିକା-କିଶୋର-କିଶୋରୀ ମାନଙ୍କ ସହ ପୋଲିସର ସଚେତନତା ଓ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଯୋଗଦେଇ କହିଛନ୍ତି ଏହା ମାଧ୍ୟମରେ ପୋଲିସ କିଶୋର-କିଶୋରୀମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରି ସେମାନଙ୍କ ସୁରକ୍ଷା ପ୍ରତି ଅଧିକ ସଚେତନ ଓ ଯତ୍ନବାନ ହେବା ଉଚିତ୍ । ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୫୫ଟି ପୋଲିସ ଥାନାର ୧୫ହଜାରରୁ ଅଧିକ କିଶୋର-କିଶୋରୀ ଅଂଶଗ୍ରହଣ କରିଥିଲେ ।

ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଓ ଛତ୍ରପୁର ଥାନା ଏବଂ ନବରଙ୍ଗପୁର ଜିଲ୍ଲାର ଝରିଗାଁଥାନା ପକ୍ଷରୁ ଜୁଭେଣ୍ଟିକା କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଶ୍ରୀକ୍ଷେତ୍ରେ ଭଉଁରୀ

ଶ୍ରୀକ୍ଷେତ୍ର ପୁରୀରେ ଭଉଁରୀ ଅବସରରେ ଆଜି ପରମ୍ପରା ଅନୁସାରେ ରଥଖଳାରେ ଚକଅଖ ଡେରା ନୀତି ଅନୁଷ୍ଠିତ ହେବ । ସକାଳ ଧୂପ ନୀତି ଶେଷ ହେବା ପରେ ଘଣ୍ଟଛତା ବିଜେ କାହାଳୀ ସହ ପଟୁଆରରେ ଆଜ୍ଞାମାଳ ବିଜେ ହେବ । ପୂଜାପଣ୍ଡା ସେବକମାନେ ବିଧି ଅନୁଯାୟୀ ତିନି ରଥପାଇଁ ଆଜ୍ଞାମାଳକୁ ରଥଖଳାରେ ବିଜେ କରିବା ପରେ ପ୍ରତି ରଥର ୨ଟି ଚକରେ ଅଖ ଡେରା ନୀତି ଭୋଇ ସେବକମାନେ ସମ୍ପନ୍ନ କରିବେ । ସେହିଭଳି ଆଜି ବାହାର ଚନ୍ଦନଯାତ୍ରାର ଶେଷ ଦିବସରେ ନରେନ୍ଦ୍ର ପୁଷ୍କରିଣୀରେ ରାତ୍ର ଚାପରେ ୨୧ ଘେରା ଜଳକ୍ରୀଡ଼ା ସହ ଭଉଁରୀ ବିଧି ଅନୁଷ୍ଠିତ ହେବ ।

## ରକ୍ତଦାନ ଶିବିର

ସୁବର୍ଣ୍ଣପୁର ଜିଲ୍ଲା ରେଡକ୍ରସ ସୋସାଇଟି ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଛି । ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ କରିବାକୁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ । ଶିବିରରେ ମୋଟ୍ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

# ଠାକୁରାଣୀ ଯାତ୍ରା

ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା’ ରାମାୟଣାମାଙ୍କ ଠାକୁରାଣୀ ଯାତ୍ରାର ପଞ୍ଚମ ଦିନରେ ମା’ଙ୍କ ଘଟ ସହର ପରିକ୍ରମା କରିଥିଲା । ପୂର୍ବାହ୍ନରେ ପୂଜା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଦହିଭାତ ଭୋଗ କରାଯାଇଥିଲା । ଏହି ଯାତ୍ରା ଆସନ୍ତାମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଆହୁରି ଘନୀଭୂତ ହୋଇ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ବର୍ଷାର ପ୍ରଭାବରେ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି । ଗତକାଲି ପ୍ରାୟ ସମସ୍ତ ସହରର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ତଳେ ରହିଥିଲା ।

# ସ୍କ୍ୱାସ୍ ଚାମ୍ପିୟନସିପ୍

ରାଜ୍ୟରେ ଆଜିଠାରୁ ପ୍ରଥମଥର ପାଇଁ ସ୍କ୍ୱାସ୍ ଚାମ୍ପିୟନସିପ୍ ଆରମ୍ଭ ହେବ । ଭୁବନେଶ୍ୱର ନୟାପଲ୍ଲୀରେ ଆୟୋଜିତ ହେବାକୁ ଥିବା ପ୍ରତିଯୋଗିତାରେ ମୋଟ୍ ୬ଟି ଜିଲ୍ଲାରୁ ୩୪ଜଣ ଖେଳାଳି ଅଂଶଗ୍ରହଣ

କରିବେ । ମହିଳା, ପୁରୁଷ ଏବଂ ୩୫ବର୍ଷରୁ ଊର୍ଦ୍ଧ୍ୱ ମାଷ୍ଟର୍ସ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

# ସିଏମ୍ ଟ୍ରଫି

ଓଡ଼ିଶା ଫୁଟବଲ ଆସୋସିଏସନ ଏବଂ ଜିଲ୍ଲା ଆଥଲେଟିକ୍ ଆସୋସିଏସନ ମିଳିତ ଆନୁକୂଲ୍ୟରେ ନୟାଗଡଠାରେ ସିଏମ୍ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଶରଣକୂଳ ଏଫ୍‌ସି ବିଜୟୀ ହୋଇଛି। ଖଣ୍ଡପଡ଼ା ଦଳକୁ ୨-୦ଗୋଲ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି ।